SAMBAD

ସମ୍ବାଦ

BALESWAR | BHUBANESWAR | KATAK | BRAHMAPUR

# ଆଇଆଇପିଏମ୍‌ରେ ଏମ୍‌ବିଏ ପାଠ୍ୟକ୍ରମ ଖୁବଶୀଘ୍ର



ରାଉରକେଲା, ୫/୫ (ଇମିସ): କାନ୍‌ସବାହାଲସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପ୍ରଡକ୍ସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍)ରେ ଖୁବଶୀଘ୍ର ଏମବିଏ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ଲାର୍ସନ ଏଣ୍ଡ ଟୁବ୍ରୋର ଉପାଧ୍ୟକ୍ଷ ତଥା ଆଇଆଇପିଏମ ପରିଚାଳନା ପରିଷଦ ସଦସ୍ୟ ଏ.ଡି ମିଶ୍ର ସୂଚନା ଦେଇଛନ୍ତି। ଆଇଆଇପିଏମ ପରିସରରେ ଆଜି ପୂର୍ବାହ୍ନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଏହି ସୂଚନା ଦେଇ ଗତ ଅନେକ ବର୍ଷରେ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପ୍ରକାଶ କରିଥିଲେ। ଶିକ୍ଷାଦାନ, ତାଲିମ ତଥା ବୈଷୟିକ ପରାମର୍ଶ ପ୍ରଦାନରେ ଏହି ପ୍ରତିଷ୍ଠାନ ଅଶେଷ ସଫଳତା ହାସଲ କରିଛି ବୋଲି ସେ କହିଥିଲେ। ବର୍ତ୍ତମାନ ବିଭିନ୍ନ ଶିଳ୍ପାନୁଷ୍ଠାନରେ କୁଶଳୀ ମାନବସମ୍ବଳର ଆବଶ୍ୟକତା ଅନେକ ଗୁଣରେ ବୃଦ୍ଧି ପାଇଛି। ଏହି ଚାହିଦାକୁ ଦୃଷ୍ଟିରେ ରଖି ଆଇଆଇପିଏମ୍ ଉତ୍ତମ ଶିକ୍ଷାଦାନ, ତାଲିମ ତଥା ବୈଷୟିକ ପରାମର୍ଶ ପ୍ରଦାନ ଆଦି କ୍ଷେତ୍ରରେ ଅଧିକ ଧ୍ୟାନ ଦେଉଛି। ଫଳରେ ଶିକ୍ଷା ପ୍ରତିଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗର ଅଭାବ ରହୁନାହିଁ। ସେ କହିଥିଲେ ଯେ ଗତ ଶିକ୍ଷାବର୍ଷରେ ପିଜିଡିଏମ୍ ଓ ଏଡିଏମଏମଏଣ୍ଡପିଏମ ପାଠ୍ୟକ୍ରମର ସମସ୍ତ ଛାତ୍ର ବିଭିନ୍ନ ନାମକରା ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଇବାକୁ ସକ୍ଷମ ହୋଇଛନ୍ତି। ଏଥିସହ ବିଭିନ୍ନ ସଂସ୍ଥାର ଡିଗ୍ରୀ ଓ ଡିପ୍ଲୋମା ଇଂଜିନିୟରମାନଙ୍କୁ ମଧ୍ୟ ଏଠାରେ ସଫଳତାର ସହ ତାଲିମ ପ୍ରଦାନ କରାଯାଉଛି। ତାଲିମ ଓ ପ୍ରଶାସନ ବିଭାଗର ମୁଖ୍ୟ ଆର.ଏନ ପାଲ ସ୍ୱାଗତ ଭାଷଣ ଦେଇ ପ୍ରତିଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ଆଇଆଇପିଏମ୍‌ର ସହକାରୀ ନିର୍ଦ୍ଦେଶକ ଡ. ଏମ.ଆର ନାୟକ ଉଦବୋଧନ ଦେଇ ପାୱାର ଗ୍ରୀଡ୍, ଜେଏସପି, ଇଣ୍ଟରନେସନାଲ, ଓଏନଜିସି, ଏନଟିପିସି, ଏସାର, ମ୍ୟାଟ୍ସ, ଆନନ୍ଦ ଗ୍ରୁପ, ଏଚଏଲଏଲ, ଡିଇଏସବି, ଜିନ୍ଦଲ ଷ୍ଟିଲ, ଇସ୍ପାତ ଇଣ୍ଡଷ୍ଟ୍ରିଜ, ରିଲାଏନ୍ସ, ଇଟିପିସି ପାୱରି ଆଇବକ, ଜେନିୟୁର ମାରୁତି ହୋଣ୍ଡା ଭଳି ଜାତୀୟ ତଥା ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ତାଲିମ ଓ ପରାମର୍ଶ କ୍ଷେତ୍ରରେ ଶିକ୍ଷା ପ୍ରତିଷ୍ଠାନ ସହ ସାମିଲ ହେବାରେ ଲାଗିଛନ୍ତି ବୋଲି ସୂଚନା ଦେଇଥିଲେ।